# ସଂପୂର୍ଣ୍ଣ ମତଦାନ ପରିବର୍ତ୍ତନ ଆଣିବ

## 'ଆମ ଓଡ଼ିଶା' ପକ୍ଷରୁ ମତଦାନ ଅଭିଯାନର ଶୁଭାରମ୍ଭ

ରାଜ୍ୟରେ ୩୫ ପ୍ରତିଶତ ଲୋକ ଭୋଟ୍ ଦେଉନାହାନ୍ତି । ମତଦାନ ପ୍ରତି ଅନାଗ୍ରହ ଦେଖାଯାଉଥିବା ଏହି ଅଂଶଟି ପ୍ରଭାବୀ,ଶିକ୍ଷିତ ଓ ଭଲ ଲୋକଙ୍କ ଗୋଷ୍ଠୀ । ଏମାନେ କୌଣସି ଚାପ ଅବା ପ୍ରଲୋଭନ ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ ।ଏଭଳି ଭଲ ଲୋକମାନଙ୍କୁ ମତଦାନ ପାଇଁ ଉତ୍ସାହିତ କରାଯିବା ଦରକାର ।ଭଲ ଲୋକମାନେ ଉତ୍ତମ ମତ ଦେବେ ।ଯଦି ମତ ଭଲହୁଏ ତେବେ ଫଳାଫଳ ବି ଉତ୍ତମ ହେବ ।କୁଣ୍ଡରେ ଥିବା ଅପରିଷ୍କାର ପାଣିକୁ ପରିଷ୍କାର କରିବା ପାଇଁ ଯେମିତି ଭଲ ପାଣି ଦରକାର,ଠିକ୍ ସେମିତି ଆମ ରାଜନୈତିକ ବ୍ୟବସ୍ଥାରେ ସୁଧାର ନିମନ୍ତେ ଭଲ ଲୋକମାନେ ଏକାଠି ହୁଅନ୍ତୁ,ଭୋଟ୍ ଦିଅନ୍ତୁ । ଆଜି 'ସମ୍ବାଦ'ର ସମ୍ପାଦକ ତଥା 'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏ ପ୍ରକାର ଆହ୍ୱାନରେ ଏକ ନୂଆ ସଂକଳ୍ପ ଜନ୍ମ ନେଇଛି କଟକ ସହରରୁ ।ନେତାଜୀଙ୍କ ଜନ୍ମମାଟିରେ, ତାଙ୍କର ପବିତ୍ର ଜନ୍ମ ଦିବସରେ ମତଦାନ ଅଭିଯାନର ଶୁଭାରମ୍ଭ ହୋଇଛି ।ଭାଷାଜ୍ଞାନ,ରକ୍ତଦାନ ପରେ ମତଦାନ ପାଇଁ ଉତ୍ସାହ ସୃଷ୍ଟି କରିବାକୁ ସଂକଳ୍ପ ନେଇଛି ଆମ ଓଡ଼ିଶା । ଏ ଅଭିଯାନ ଚାଲିବ ଗୋଟିଏ ଲକ୍ଷରେ 'ଶହେ ପ୍ରତିଶତ ମତଦାନ' । ଏକ ନିଆରା ଢଙ୍ଗରେ ଓଡ଼ିଶା ମାଟିର ଦୁଇ ବୀର ସନ୍ତାନ ବୀର ସୁରେନ୍ଦ୍ର ସାଏ,ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଆରମ୍ଭ ହୋଇଛି ଏହି ଅଭିଯାନ ।କଟକର ସହିଦ ଭବନରେ ଆୟୋଜିତ ସମ୍ବାଦ-ଆମ ଓଡ଼ିଶା ପ୍ରତିନିଧି,ଶୁଭେଚ୍ଛୁ ତଥା ସହଯୋଗୀଙ୍କର ଏକ ଭବ୍ୟ ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଟ୍ଟନାୟକ ଏହି ଅଭିଯାନର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ 'ରକ୍ତ ଅଭାବରୁ କାହାରିକୁ ମରିବାକୁ ଦିଆଯିବ ନାହିଁ' ଏମିତି ଏକ ସଂକଳ୍ପ ନେଇ ଆରମ୍ଭ ହୋଇଥିଲା ରକ୍ତଦାନ ଅଭିଯାନ । ଏହି ରକ୍ତଦାନ ଅଭିଯାନ ରାଜ୍ୟର ୩୧୪ଟି ଯାକ ବ୍ଲକରେ ସଫଳ ହୋଇଛି । ୨୦୧୧ ବର୍ଷରେ ରେକର୍ଡ଼ ୪୮ ହଜାରରୁ ଅଧିକ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି ।ଯେଉଁଠି ପୁଲିସ ପ୍ରଶାସନ, ସରକାରୀ କଳ ପହଞ୍ଚି ପାରିନାହିଁ । ସେଠି ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରକ୍ତଦାନର ଏପରି ଅଭୂତପୂର୍ବ ସଫଳତା ପ୍ରମାଣ କରିଦେଲା ଯେ, ଅତୀତରେ ନିଆଯାଇଥିବା ସଂକଳ୍ପ ଫମ୍ପା ନୁହେଁ ।ଆଉ ଏହି ସଫଳତା ହିଁ 'ମତଦାନ ଅଭିଯାନ' ଭଳି ଏକ ନିଆରା କାର୍ଯ୍ୟକ୍ରମର ଜନ୍ମଦାତା ।ରକ୍ତଦାନ ସହ ମତଦାନ ଯୋଡ଼ିବାର ବଳିଷ୍ଠ ଯୁକ୍ତିଯୁକ୍ତ କାରଣ ଉପସ୍ଥାପନ କରି ଶ୍ରୀ ପଟ୍ଟନାୟକ କହିଲେ,୧୮ ବର୍ଷ ହେଲେ ଜଣେ ରକ୍ତଦାନ ପାଇଁ ଯୋଗ୍ୟ ହୋଇଥାନ୍ତି ।ଠିକ୍ ସେମିତି ୧୮ ବର୍ଷ ହେଲେ ମତଦାନର ଅଧିକାର ମଧ୍ୟ ମିଳେ ।ରକ୍ତଦାନ ଭଳି ଗୋଟିଏ ଅଧିକାରକୁ ଆମେ ସାବ୍ୟସ୍ତ କରିସାରିଛୁ ।ଏବେ ମତଦାନ ଅଧିକାର ସାବ୍ୟସ୍ତ କରିବାର ସମୟ ଆସିଯାଇଛି ।୧୮ ବର୍ଷରେ ପଦାର୍ପଣ କରିଥିବା ନୂତନ ମତଦାତାଙ୍କୁ ଏପରି ଅଭିଯାନରେ ଅଭିମନ୍ତ୍ରିତ କରାଯାଉ ।ଭୋଟ୍ ନଦେଇ, ଭୋଟ୍ ପ୍ରକ୍ରିୟାରେ ଭାଗ ନନେଇ ଆମେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ

ସମାଲୋଚନା କଲେ କିଛି ଲାଭ ହେବ ନାହିଁ । ରାଜନୀତିକୁ ଘୃଣା କରି,ରାଜନୀତିଆଙ୍କୁ ଗାଳି ଦେଇ ଆମେ ବିଶେଷ କିଛି କରିପାରିବା ନାହିଁ ।ବରଂ ସେହି ପ୍ରକ୍ରିୟାରେ ସାମିଲ ହେଲେ ହିଁ ବ୍ୟବସ୍ଥାକୁ ବଦଳାଇ ଦେଇହେବ ।ଯେ କୌଣସି ଦଳକୁ ହେଉ ପଛେ ମତଦାନ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରାଯିବା ଦରକାର ।ମତଦାନର ଗୁରୁତ୍ୱ ସଂପର୍କରେ ସଚେତନ କରାଇବାକୁ ଜାନୁଆରି ୨୫ ତାରିଖକୁ ରାଷ୍ଟ୍ରୀୟ ମତଦାତା ଦିବସ ଭାବେ ପାଳନ କରାଯିବାକୁ ସ୍ଥିର ହୋଇଛି । ତେଣୁ ସ୍ୱାଭିମାନ ଦିବସ ପାଳନ କଲା ପରି ରାଜ୍ୟର ପ୍ରତି ବ୍ଲକରେ ମତଦାତା ଦିବସ ପାଳନ କରିବାକୁ ଶ୍ରୀ ପଟ୍ଟନାୟକ ଉପସ୍ଥିତ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଥିଲେ ।ନିଜେ ମତଦାନ ଅଭିଯାନକୁ ସଫଳ କରିବ ବୋଲି ଆଶାବ୍ୟକ୍ତ କରି ଶ୍ରୀ ପଟ୍ଟନାୟକ କହିଲେ,ଭାଷାଜ୍ଞାନ ଭଳି ଏକସୂତ୍ରୀ କାର୍ଯ୍ୟକ୍ରମର ଲକ୍ଷ ନେଇ ୧୯୯୬ରେ ଆମ ଓଡ଼ିଶା ଜନ୍ମ ନେଇଥିଲା ।ଏହାର ପାଞ୍ଚ ବର୍ଷ ପରେ ଆରମ୍ଭ ହେଲା ରକ୍ତଦାନ ଅଭିଯାନ ।ଦୁଇଟିଯାକ ଅଭିଯାନ ଅଭୁତପର୍ବ ସଫଳତା ପାଇଛି ।ସେହିପରି ନିଷ୍ଠାପର ଉଦ୍ୟମ ରହିଲେ ମତଦାନ ଅଭିଯାନ ମଧ୍ୟ ସଫଳ ହେବ ।ଆଗାମୀ ପଞ୍ଚାୟତ ନିର୍ବଚନ ହିଁ 'ମତଦାନ ଅଭିଯାନ'ର ପ୍ରଥମ ପରୀକ୍ଷା ବୋଲି ଶ୍ରୀ ପଟ୍ଟନାୟକ ସଚେତନ କରାଇ ଦେଇଥିଲେ ।ଏହି ଅଭିଯାନ ପାଇଁ ଶ୍ରୀ ପଟ୍ଟନାୟକ ସାହସ ଓ ଶକ୍ତିର ପ୍ରତୀକ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଆଶୀର୍ବାଦ କାମନା କରିଥିଲେ ।

ପ୍ରାରମ୍ଭରେ ଆମ ଓଡ଼ିଶାର ସଂପାଦକ ସ୍ୱରାଜ ମିଶ୍ର ସମାବେଶର ଆଭିମୁଖ୍ୟ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲା ବେଳେ ସମାବେଶର ଅନ୍ତିମ ପର୍ଯ୍ୟାୟରେ ମତଦାନ ଅଭିଯାନର ପ୍ରକ୍ରିୟା ସଂପର୍କରେ ଆଲୋକପାତ କରିଥିଲେ ।'ସମ୍ବାଦ'ର ସଂପାଦକ (ପ୍ରକାଶନ) ଅସିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ମତଦାନ ଅଭିଯାନ ପାଇଁ ସ୍ୱତନ୍ତ୍ର ସଂଗୀତ ପ୍ରସ୍ତୁତ କରିଥିବା ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ମଳୟ ମିଶ୍ର ଓ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କୁ ଶ୍ରୀ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ । ସଭା ପୂର୍ବରୁ ଶ୍ରୀ ପଟ୍ଟନାୟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଯାଇ ନେତାଜୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ସମାବେଶ ପରେ ସେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ,ନେତାଜୀଙ୍କ ଅନୁଗାମୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିବୁଧେନ୍ଦ୍ର ମିଶ୍ରଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରିଥିଲେ ।ଉତ୍ସବ ଆରମ୍ଭ ପୂର୍ବରୁ ଆଇନସେବା ସଂସ୍ଥା 'ଲିସା' ସଂପାଦକ ଗଦାଧର ସାହୁଙ୍କ ନେତୃତ୍ୱରେ ମହିଳାମାନେ ଶ୍ରୀ ପଟ୍ଟନାୟକଙ୍କୁ ପାରମ୍ପରିକ ଟୋପି ଓ ଲାଠି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚରେ ଆମ ଓଡ଼ିଶାର କାର୍ଯ୍ୟକ୍ରମ ସଂଯୋଜକ ଶିଶିର ସାହୁ ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସମ୍ବାଦର କଟକ,ଭୁବନେଶ୍ୱର,ଅନୁଗୁଳ,ବାଲେଶ୍ୱର,ବ୍ରହ୍ମପୁର ସଂସ୍କରଣର ପ୍ରତିନିଧି ଓ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ ।